# Akashvani, Sambalpur

## SAMBALPURI NEWS EVENING BULLETIN

## 10 july 2026-7.02- 7.12 pm.

---

୧- ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାର୍ ପ୍ରସ୍ତୁତିକେ ନେଇକରି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

- ରଥଯାତ୍ରାର୍ ସୁପରିଚାଳନା ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ଦେଲେ ନିର୍ଦ୍ଦେଶ୍ ।

୨- ଆଏବା ରାକ୍ଷୀ ପୁନି ଦିନ ଦିଆଯିବା ସୁଭଦ୍ରା ଯୋଜ୍‌ନାର୍ ୫ ନମ୍ବର୍ କିସ୍ତି- ସୂଚ୍‌ନା ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

୩- ଜମି ଲିଜ୍ ବାବଦ୍ ରେକର୍ଡ଼ର ଠିକ୍ ଭାବେ ଦେଖ୍‌ରେଖ୍ ଲାଗି ରାଜସ୍ୱ ବିଭାଗ୍ ତର୍‌ଫୁ ଜାରି ହେଲା କଡ଼ା ନିର୍ଦ୍ଦେଶ୍ ।

ଆଉର୍

୪- ବାହାର୍‌ଲା ବିଏଡ୍, ଏମ୍‌ଏଡ୍ ଆଉ ବିଏଚ୍‌ଏଡ୍ ପାଠ୍ୟକ୍ରମ୍‌ର ପ୍ରବେଶିକା ପରୀକ୍ଷାଫଲ୍ ।

ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର୍ ସମ୍ବାଦଦାତା

ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏବା ରଥଯାତ୍ରାକେ ନେଇକରି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ୧୦ ସୂତ୍ରୀ ନିର୍ଦ୍ଦେଶ୍‌କେ ମାନିକରି ରଥଯାତ୍ରାର୍ ସୁପରିଚାଲନା କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ବୈଠକ୍‌ଥି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ନୀତିକାନ୍ତି ମାନ୍‌କୁ ଠିକ୍ ସମିଆଥି କର୍‌ବାର୍, ଯାତ୍ରୀମାନ୍‌କର୍ ସୁରକ୍ଷା, ଭିଡ୍ ନିୟନ୍ତ୍ରଣ୍, ଅଗ୍ନିଶମ ସେବା ଉପ୍‌ରେ ଜୋର୍ ଦିଆଯିବାର୍ ସହେତେ ସବୁସ୍ତର୍ ନ ଅଧିକାରୀ ଆଉ କର୍ମଚାରୀମାନ୍‌କର୍ ଭିତ୍‌ରେ ସହଯୋଗ୍ ଆଉ ତାଲ୍‌ମେଲ୍ ରଖିବାର୍‌କେ ମୁଖ୍ୟମନ୍ତ୍ରୀ କହିଛନ୍ । ରଥଯାତ୍ରା ସମିଆଥି ସୁରକ୍ଷା ଲାଗି ୧୨ ହଜାର୍ ପୁଲିସ୍ ଆଉ ସି.ଏ.ପି.ଏଫ୍. ଯବାନ୍ ମୁତୟନ୍ କରାଯାଇଥିବାର୍ ବେଲେ ୧୯ ଝନ୍ ବରିଷ୍ଠ ଆଇ.ପି.ଏସ୍. ଅଧିକାରୀ ସୁରକ୍ଷା ବ୍ୟବସ୍ଥାର୍ ତଦାରଖ୍ କର୍‌ବେ । ଇତାର୍‌ସହେତେ ତଟରକ୍ଷୀ ବାହିନୀ ଆଉ ଭାରତୀୟ ନୌସେନା ଭିଲ୍ ସଜାଗ୍ ରହେବେ । ଭକ୍ତମାନ୍‌କର୍ ସୁବିଧା ଲାଗି ସହର୍ ନ ୪ ଶହ ୩୭ ଟା ସିସିଟିଭି କେମ୍‌ରା, ୬୫ ଟା ବଡ଼ ଏଲ୍‌ଇଡି ସ୍କ୍ରିନ୍, ୧୭ ଶହ ଟା

ବାୟୋ ଟୟଲେଟ୍ ଆଉ ୮ ଟା ଅସ୍ଥାୟୀ ଡାକ୍ତର୍‌ଖାନାର୍ ବ୍ୟବସ୍ଥା କରାଯାଇଛେ । ଇତାର୍‌ସହେତେ ଦିବ୍ୟାଙ୍ଗ ଆଉ ବୟୋଜ୍ୟେଷ୍ଠ ଭକ୍ତମାନ୍‌କର୍ ଲାଗି ଶ୍ରୀଗୁଣ୍ଡିଚା ମନ୍ଦିର୍ ନ ଖାସ୍ ଦର୍ଶନ୍ ଆଉ ହେଲ୍ପ ଡେସ୍କର ଭିଲ୍ ବ୍ୟବସ୍ଥା ହେବା ।

ଇ ବଛର୍ ପୁରୀକେ ୩ ଶହ ନୁ ଅଏତ୍‌କା ଟ୍ରେନ୍ ଚଲାଚଲ୍ କର୍‌ବାର୍‌କେ ଥିବାର୍‌ନୁ ଟ୍ରେନ୍‌ର ସମିଆ ଅନ୍‌ସାରେ ଭିଡ୍ ନିୟନ୍ତ୍ରଣ୍ ଆଉ ସୂଚ୍‌ନା ଦେବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ସୁଭଦ୍ରା ଆଇ.ଆଣ୍ଡ୍.ପି.ଆର୍

ଆଏବା ରାକ୍ଷୀ ପୁନି ଅବ୍‌ସରେ ସୁଭଦ୍ରା ଯୋଜ୍‌ନାର୍ ୫ ନମ୍ବର୍ କିସ୍ତି ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚ୍‌ନା ଦେଇଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ସୁଭଦ୍ରା ଯୋଜ୍‌ନା ବାବ୍‌ଦେ ସୂଚ୍‌ନା ଦେଇକରି ଶ୍ରୀମତୀ ପରିଡ଼ା କହିଛନ୍, ଇହାଦେତକ୍ ଇ ଯୋଜ୍‌ନାଥି ୩ ଲାଖ୍ ୧୭ ହଜାର୍ ୯ ଶହ ୬୬ ଝନ୍ ନୂଆଁ ଆବେଦନ୍‌କାରୀ

ରହିଛନ୍ । ଡିବିଟିର ସକ୍ରିୟକରଣ୍ ଇ-କେଓ୍ୱାଇସି ଏନ୍‌ପିସିଆଇ ମେପିଂ, ବାଗିର୍ କାମ୍‌ର ଅଗ୍ରଗତିକେ ନେଇକରି ସମୀକ୍ଷା କରାଯାଇଛେ । ଇଥି ୮୨ ହଜାର୍ ୩୬ ଟା ଡିବିଟି ସକ୍ରିୟ କର୍‌ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଆଏବା ୨୫ ତାରିଖ୍‌ତକ୍ ହିତାଧିକାରୀମାନ୍‌କର୍ କ୍ଷେତ୍ରସ୍ତରୀୟ ଯାଂଚ୍ କର୍‌ବାର୍‌କେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।
(ଭଏସ୍ ଓଭର୍-ଉପମୁଖ୍ୟମନ୍ତ୍ରୀ)

ଜମି ଲିଜ୍ ଦେଖ୍‌ରେଖ୍ ଆଇ.ଆଣ୍ଡ୍.ପି.ଆର୍

ଜମି ଲିଜ୍ ବାବଦ୍ ରେକର୍ଡ଼୍‌ର ଠିକ୍ ଭାବେ ଦେଖ୍‌ରେଖ୍ ଲାଗି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍‌ଫୁ କଡ଼ା ନିର୍ଦ୍ଦେଶ୍ ଜାରି କରାଯାଇଛେ । ରାଜସ୍ୱ ବିଭାଗ୍‌ର ଅତିରକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ସବୁ ଜିଲ୍ଲାପାଲ୍ ମାନ୍‌କୁ ଚିଠି ଲେଖିକରି ନ୍ୟାୟିକ ମାମଲାଥି ହାଇକୋର୍ଟଙ୍କର୍ ଆଦେଶ୍ ଆଉ ଧାରିଜ୍ ହେଇଥିବା ପ୍ରକ୍ରିୟାକେ ମାନ୍‌ବାର୍ ସହେତେ ଜରୁରୀ ରେକର୍ଡ଼ ସୁରକ୍ଷିତ୍ ଭାବେ ସଂରକ୍ଷଣ୍ କରିକରି ଠିକ୍

ସମିଆଥି ଅଦାଲତ୍‌କେ ଦେବାର୍‌କେ କହିଛନ୍ । ଜମି ଲିଜ୍ ମାମ୍‌ଲାଥି କେନ୍‌ସି ଅବହେଲା କି ଡେରିକେ ଗୁରୁତର୍ ସହେତେ ନିଆଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ । ଜିଲ୍ଲାପାଲ୍ ମାନେ ପରିଦର୍ଶନ୍ ସମିଆଥି ନଥିପତ୍ର ଯାଂଚ୍ କରିକରି ତାର୍ ସୁରକ୍ଷା ଆଉ ଉପଲବ୍ଧିକେ ସୁନିଶ୍ଚିତ୍ କର୍‌ବେ । ଇତାର୍ ଜରିଏ ରାଜସ୍ୱ ପ୍ରଶାସନ୍‌କେ ସ୍ୱଚ୍ଛ ଆଉ ସୁବ୍ୟବସ୍ଥିତ୍ କର୍‌ବାର୍ ଦିଗେ ବିଭାଗ୍‌ର ପ୍ରତିବଦ୍ଧତା ରହିଛେ ବଲି ଡକ୍ଟର୍ ପାଢ଼ୀ ସ୍ୱଷ୍ଟ କରିଛନ୍ ।

ପଂଚାୟତ୍ ନିର୍ବାଚନ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ବଛର୍ ଏପ୍ରିଲ୍ ଆଉ ମେ ମାସେ ପଂଚାୟତ୍ ଆଉ ପୌର ନିର୍ବାଚନ୍ ହେବା ବଲି ରାଜ୍ୟ ନିର୍ବାଚନ୍ ଆୟୋଗ୍‌ଙ୍କର୍ ସଚିବ ସନ୍ତୋଷ୍ କୁମାର୍ ଦାଶ କହିଛନ୍ । ପଂଚାୟତ୍ ଆଉ ପୌର ନିର୍ବାଚନ୍ ଲାଗି ରାଜସ୍ୱ ଉପଖଣ୍ଡ ଆୟୁକ୍ତ- ଆର୍‌ଡିସି ଆଉ ଜିଲ୍ଲାପାଲ୍‌ଙ୍କର୍ ସହେତେ ବୈଠକ୍ ହେଇଛେ ବଲି ଶ୍ରୀ ଦାଶ କହିଛନ୍ ।

(ଭଏସ୍ ଓଭର୍- ସନ୍ତୋଷ୍ କୁମାର୍ ଦାଶ)

ସୂଚ୍ନା ଅନ୍‌ସାରେ ଆଏବା ୨୧ ତାରିଖ୍ ଓସ୍ୱାନ୍ ପ୍ଲାଟ୍‌ଫର୍ମଥି ଆଭାସୀ ଜରିଏ ନିର୍ବାଚନ୍ ବାବଦ୍ ଗୁଟେ ବୈଠକ୍ ହେବା । ଇଥିର୍‌ଲାଗି ରାଜ୍ୟ ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ସବୁ ଜିଲ୍ଲାପାଲ୍‌ମାନ୍‌କୁ ଚିଠି ଲେଖାଯାଇଛେ । ବୈଠକ୍‌ଥି ସବୁ ଜିଲ୍ଲାପାଲ୍, ଅତିରକ୍ତ ଜିଲ୍ଲାପାଲ୍, ନୋଡ଼ାଲ୍ ଅଧିକାରୀ, ନିର୍ବାଚନ୍ ପଞ୍ଜିକରଣ୍ ଅଧିକାରୀମାନ୍‌କୁ ଯୋଗ୍ ଦେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ବୁଥ୍‌ସ୍ତରୀୟ ନିର୍ବାଚନୀ ତାଲିକା ପ୍ରସ୍ତୁତି ଲାଗି ଘର୍‌କେ ଘର୍ ସର୍ଭେ କାମ୍‌ର ଅଗ୍ରଗତି ବାବ୍‌ଦେ ସମୀକ୍ଷା କରାଯିବାର୍ ସହେତେ ୨୦୨୨ ସହରାଂଚଲ୍ ନିର୍ବାଚନ୍ ବାବଦ୍ ବିଲ୍ ଆଉ ବ୍ୟବହାର୍ ପ୍ରମାଣ୍‌ପତ୍ର ସ୍ଥିତିର ବୈଠକ୍‌ଥି ସମୀକ୍ଷା କରାଯିବା ।

ପେନ୍‌ସନ୍ ସମାଧାନ୍      ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ନ ଥିବା ରେଲ୍‌ସଦନ୍ ଠାନେ ଶହେ ୯୮ ନମ୍ବର୍ ରକ୍ଷା ପେନ୍‌ସନ୍ ସମାଧାନ୍ ଶିବିର୍ ଆୟୋଜନ୍ କରାଯାଇଛେ । ଭାରତୀୟ ସେନା ଆଉ ପ୍ରତିରକ୍ଷା ଆକାଉଂଟସ୍

ମହାନିୟନ୍ତ୍ରକଙ୍କର୍ ମିଳିତ୍ ସହଯୋଗ୍‌ରେ ହେଇଥିବା ଶିବିର୍‌ରେ ସଶସ୍ତ୍ର ବାହିନୀର୍ ଅବସରପ୍ରାପ୍ତ ସୈନିକ୍ ଆଉ ଭେଟେରେନ୍ ମାନ୍‌କର୍ ପେନ୍‌ସନ୍ ବାବଦ୍ ଭିନ୍ ଭିନ୍ ଅଭିଯୋଗ୍ ଆଉ ସମସ୍ୟାର୍ ସମାଧାନ୍ ଉପ୍‌ରେ ଆଲୋଚନା କରାଯାଇଛେ । ଖାସ୍ କରି ବିଚାରାଧୀନ୍ ମାମ୍‌ଲାମାନ୍‌କର୍ ସମାଧାନ୍ ସରଲ୍ କାର୍ଯ୍ୟପନ୍ଥା ଆଉ ଭିନ୍ ଭିନ୍ ବିଭାଗ୍ ଭିତ୍‌ରେ ସଠିକ୍ ତାଲ୍‌ମେଲ୍ ଉପ୍‌ରେ ଜୋର୍ ଦିଆଯାଇଥିଲା । କାର୍ଯ୍ୟକ୍ରମ୍‌ରେ କେନ୍ଦ୍ରୀୟ କମାଣ୍ଡର୍ ଜେନେରାଲ୍ ଅନିନ୍ଦ୍ୟ ସେନ୍‌ଗୁପ୍ତ ଆଉ ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପରୀକ୍ଷାଫଲ୍          ଆଇ.ଆଣ୍ଡ୍.ପି.ଆର୍

୨୦୨୬-୨୭ ଶିକ୍ଷା ବଛର୍ ଲାଗି ୨ ବର୍ଷିଆ ବିଏଡ୍, ଏମ୍‌ଏଡ୍ ଆଉ ବିଏଚ୍‌ଏଡ୍ ପାଠ୍ୟକ୍ରମ୍‌ର ପ୍ରବେଶିକା ପରୀକ୍ଷାଫଲ୍ ଆଏଜ୍ ବାହାରିଛେ । ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍‌କେ ଯାଇକରି ନିଜର୍ ପରୀକ୍ଷାଫଲ୍ ଦେଖିପାର୍‌ବେ ବଲି ଉଚ୍ଚଶିକ୍ଷା

ବିଭାଗ୍ ତରଫ୍ରୁ ସୂଚ୍‌ନା ଦିଆଯାଇଛେ । ରାଜ୍ୟର୍ ୩୧ ଟା ଶିକ୍ଷକ୍ ଶିକ୍ଷା ଅନୁଷ୍ଠାନ୍‌ଥି ବିଏଡ୍ ଲାଗି ୨ ହଜାର୍ ୪ ଶହ ୫୦, ଏମ୍‌ଏଡ୍ ଲାଗି ୩ ଶହ ଆଉ ବିଏଚ୍‌ଏଡ୍ ଲାଗି ୫୦ ଟା ସିଟ୍ ରହିଛେ ।

ପ୍ରଭିଜ୍‌ନାଲ୍ ମାର୍କକେ ନେଇକରି କେନ୍‌ସି ପ୍ରକାର୍ ଆପତି ଥିଲେ ଛାତ୍ରଛାତ୍ରୀମାନେ ଜୁଲାଇ ୧୩ ତାରିଖତକ୍ ବେଲ୍‌ବୁଡ଼ାର୍ ୬ ବଜେତକ୍ ସାମ୍ସପୋର୍ଟାଲ୍‌ଥି ଅନ୍‌ଲାଇନ୍ ଅବ୍‌ଜେକ୍ସନ୍ ମଡ୍ୟୁଲ୍ ଜରିଏ ଅଭିଯୋଗ୍ ଦାଖଲ୍ କରିପାର୍‌ବେ । ସବୁ ଅଭିଯୋଗ୍ ନିଷ୍ପତି ଉତ୍‌ରୁ ଚୂଡ଼ାନ୍ତ ମାର୍କ ଆଧାର୍‌ଥି ନାଁଲେଖା ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତରଫ୍ରୁ କୁହାଯାଇଛେ ।

କେଜି ନୁ ପିଜି ସ୍ୱଷ୍ଟିକରଣ୍ ଏକ୍ସ

କେଜି ନୁ ପିଜିତକ୍ ମାହାଲିଆ ଶିକ୍ଷାକେ ନେଇକରି ଦେଖାଦେଇଥିବା ଦ୍ୱନ୍ଦ୍ୱ କେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସ୍ୱଷ୍ଟ କରିଛନ୍ । ସେ କହିଛନ୍, ବୃତିଗତ ଆଉ ସେଲ୍ଫ ଫାଇନାନ୍ସିଂ କୋର୍ସ ଛଡ଼ା ବାକି ସବୁ ପାଠ୍ୟକ୍ରମ୍‌ଥି ଶିକ୍ଷାକେ ପୁରା ମାହାଲିଆ କରାଯାଇଛେ । ଯୋଜ୍‌ନା ଆଘୋନୁ ଯେନ୍‌ମାନେ ନାଁ ଲେଖାବାର୍ ଲାଗି ଟଙ୍କା ଦେଇସାରିଛନ୍,

ସେମାନ୍‌କୁ ଟଙ୍କା ଫିରାଯିବା । ବ୍ଲକ୍ ଗ୍ରାଂଟ୍ କଲେଜ୍ ବାବ୍‌ଦେ ମନ୍ତ୍ରୀ କହିଛନ୍, ସର୍‌କାର୍ ଇ କଲେଜ୍‌ମାନ୍‌କୁ ଦର୍‌କାରୀ ଟଙ୍କା ଯୁଗେଇ ଦେବେ ।

ଚକାବିଜେ ନୀତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଦଶ୍‌ମୀ ତିଥିଥି ଶ୍ରୀଜୀଉମାନ୍‌କର୍ ଚକାବିଜେ ନୀତି ହେଉଛେ । ଅଣସର ଘରେ ଥିବା ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଆଉ ଉଷ ଲାଗି ଉତ୍‌ରୁ ମାହାପୁରୁ ଆଏଜ୍ ଶୁଇବାର୍ ଅବସ୍ଥାନୁ ଉଠିକରି ବସ୍‌ବେ । ଅନବସର ଦଶ୍‌ମୀ ଅବ୍‌ସରେ ମାହାପୁରୁମାନେ ଆଏଜ୍ ଚକାଉପ୍‌ରେ ବିରାଜ୍‌ମାନ୍ କର୍‌ବେ । ମାହାପୁରୁମାନ୍‌କୁ ପୁରାପୁରି ଠିକ୍ କର୍‌ବାର୍ ଲାଗି ମଧ୍ୟାହ୍ନ ଧୂପ ଉତ୍‌ରୁ ରାଜବୈଦ୍ୟ ଶ୍ରୀମନ୍ଦିର୍ ଗାରଦକେ ଦଶମୂଳ ମୋଦକ୍ ହସ୍ତାନ୍ତର୍ କର୍‌ବେ । ଏକାଦଶୀ ତିଥି ଅବ୍‌ସରେ ଆଏବା କାଏଲ୍ ମାହାପୁରୁମାନେ ଇ ମୋଦକ୍ ଖାଇକରି ପୁରାପୁରି ଠିକ୍ ହେବେ ବଲି ବିଶ୍ୱାସ୍ ରହିଚେ ।

ରଥଯାତ୍ରା -ଡ୍ରୋନ୍ ଉଡ଼ାଣ          ପୁରୀ ସମ୍ବାଦଦାତା

ରଥଯାତ୍ରା ସମିଆଥି ସୁରକ୍ଷା ବ୍ୟବସ୍ଥା ଲାଗି ପୁରୀ ଜିଲ୍ଲାପାଲ୍ ସହରର୍ ୫ କିଲୋମିଟର୍ ପରିସର୍ ଭିତ୍‌ରେ ଥିବା ଇଲାକାକେ ଆଏବା ୧୬ ନୁ ୨୭ ତାରିଖ୍‌ତକ୍ ନିଷେଧ ଉଡ଼ାଣ କ୍ଷେତ୍ର ଭାବେ ଘୋଷ୍‌ନା କରିଛନ୍ ।
ଇ ସମିଆ ଭିତ୍‌ରେ ଡ୍ରୋନ୍‌ର ଅନଧିକୃତ ପରିଚାଳନା ଉପ୍‌ରେ ନିଷେଧାଦେଶ ଜାରି କରାଯାଇଛେ ।

ଜାତୀୟ ମତ୍ସ୍ୟଚାଷୀ ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଛ୍ ଚାଷୀମାନ୍‌କର୍ ବିକାଶ୍ ଆଉ ସେମାନ୍‌କର୍ ଅବଦାନ୍‌କେ ସ୍ୱିକୃତୀ ଦେବାର୍ ଲକ୍ଷ୍ୟ ନେଇକରି ଆଏଜ୍ ଜାତୀୟ ମତ୍ସ୍ୟଚାଷୀ ଦିବସ୍ ପାଳନ୍ କରାଯାଉଛେ । ଦେଶେ ମାଛ୍‌ଚାଷ୍ କ୍ଷେତ୍ରଥି ପ୍ରଫେସର୍ ଡକ୍ଟର୍ ହୀରାଲାଲ୍ ଚୌଧୁରୀ ଆଉ ତାଙ୍କର୍ ସହଯୋଗୀ ଡକ୍ଟର୍ କେ.ଏଚ୍. ଆଲୁକୁନିହି ଙ୍କର୍ ଅବଦାନ୍‌କେ

ସମ୍ମାନ୍ ଜନାବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଏସି । ଜାତୀୟ ମତ୍ସ୍ୟଚାଷୀ ଦିବସ୍ ଅବ୍ସରେ ରାଜ୍ୟର୍ ସବୁ ମାଛ୍ ଚାଷୀ, ଉଦ୍ୟୋଗୀ ଆଉ ମାଛ୍ ଚାଷ୍ ସାଙ୍ଗେ ଜଡ଼ିତ୍ ସମ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇଛନ୍ । ଇ କ୍ଷେତ୍ରଥି ଓଡ଼ିଶାକେ ଗୁଟେ ଆଗ୍ଧାଡ଼ିର୍ ରାଜ୍ୟ ବନେଇକରି ଭିଜନ୍ ୨୦୩୬ ର ଲକ୍ଷ୍ୟ ପୂରା କର୍ବାର୍ ଲାଗି ଆଗ୍କେ ଆସ୍ବାର୍କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ମାଛ୍ ଉତ୍ପାଦନ୍, ରପ୍ତାନୀ, ଆଉ ମତ୍ସ୍ୟଜୀବୀ ମାନ୍କର୍ ସଶକ୍ତିକରଣ୍ ଦିଗେ ସର୍କାର୍ ପଦକ୍ଷେପ୍ ନେଉଛନ୍ ବଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ ।

ରାଜସ୍ୱ -ବର୍ଗଡ୍ ବର୍ଗଡ୍ ସମ୍ବାଦଦାତା

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ ଦିନ୍କିଆ ବର୍ଗଡ୍ ଗସ୍ତଥି ଆସିକରି ୨ ଟା ଶିକ୍ଷାନୁଷ୍ଠାନ୍ର ନୂଆଁକରି ତିଆର୍ ହେଇଥିବା ଭିତିଭୂମିର୍ ଉଦ୍ଘାଟନ୍ କରିଛନ୍ । ବର୍ଗଡ୍ ବ୍ଲକ୍ ତୋରା କନିଷ୍ଠ

ମହାବିଦ୍ୟାଳୟ ନ ୪୯ ଲାଖ୍ ୫୦ ହଜାର୍ ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ପ୍ରେକ୍ଷାଳୟ ଆଉ ବାଳିକା କମନ୍ ରୁମ୍ ଆଉ ବରଗଡ୍ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ନ ୪୯ ଲାଖ୍ ୫୩ ହଜାର୍ ଟଙ୍କାଥି ତିଆର୍ ନୂଆଁ ଶ୍ରେଣୀ କୁଠାର୍ ଉଦ୍‌ଘାଟନ୍ କରିଛନ୍ । ରାଏଜେ ଗୁଣାତ୍ମକ୍ ଶିକ୍ଷା ସାଙ୍ଗେ ବର୍‌କସ୍ ଶିକ୍ଷା ଭିତିଭୂମିକେ ସର୍‌କାର୍ ପ୍ରାଧାନ୍ୟ ଦଉଛନ୍ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ ଇ ଅବ୍‌ସରେ କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାର୍‌ନୁ କେତେଟା ଜାଗା ନ ହାଲ୍‌କା ନୁ ମଧମ୍ ଧରଣ୍‌ର ବର୍ଷା ହେଇଯାଇଛେ । ଆଏବା ୪ ଦିନ୍ ତକ୍ ଭିନ୍ ଭିନ୍ ଜିଲ୍ଲା ନ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇ ମୌସୁମୀ ଋତୁଥି ଜୁନ୍ ୧ ନୁ ଜୁଲାଇ ୧୦ ତାରିଖ୍‌ତକ୍ ରାଏଜେ ହାରାହାରି ୩ ଶହ ୪୧ ଦଶ୍‌ମିକ୍ ୯ ମିଲିମିଟର୍ ବର୍ଷା ରେକର୍ଡ କରାଯାଇଛେ ।

ଯେନ୍‌ଟା ସ୍ୱାଭାବିକ୍‌ନୁ ୧୨ ପ୍ରତିଶତ ଅଏତ୍‌କା ଆଏ ବଲି କେନ୍ଦ୍ର ତରଫୁଁ କୁହାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ରନୁ ଜଲ୍‌ସ୍ତର୍ କମୁଥିବାର୍‌ନୁ ୨ ଟା ଗେଟ୍ ବନ୍ଦ୍ କରାଯାଇଛେ । ଇହାଦେ ଜଲ୍‌ଭଣ୍ଡାର୍‌ନୁ ୮ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ ।